# NATIONAL NEWS BULLETIN (ODIA)

## 10th March - 2024

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ତିନିଦିନିଆ ମରିସସ୍ ଗସ୍ତରେ ଯିବେ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ୍ ମାଧ୍ୟମରେ ମଧ୍ୟପ୍ରଦେଶର ଗ୍ୱାଲିୟର୍ ଏବଂ ଜବଲପୁରଠାରେ ନିର୍ମିତ ବିମାନ ବନ୍ଦରର ନୂତନ ଟର୍ମିନାଲ୍‌କୁ ଲୋକାର୍ପଣ କରିଛନ୍ତି ।
- ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଦଳର ୪୨ ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛନ୍ତି ।
- ଆସିଫ୍ ଅଲି ଜର୍ଦ୍ଦାରୀ ପାକିସ୍ତାନର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି ।

ଏବଂ

- ଭାରତ ଆଇ.ସି.ସି. ଟେଷ୍ଟ ତାଲିକା ସୂଚୀର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି ।

## ପ୍ରେସିଡେଣ୍ଟ୍ - ମରିସସ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ତିନିଦିନିଆ ମରିସସ୍ ଗସ୍ତରେ ଯିବେ । ମଙ୍ଗଳବାର ଦିନ ଅନୁଷ୍ଠିତ ହେବାକୁ ଥିବା ମରିସସ୍‌ର ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ମୁର୍ମୁ ଯୋଗଦେବେ । ଏହି ସମାରୋହରେ ଭାରତୀୟ ନୌସେନା ଅଂଶଗ୍ରହଣ କରୁଛି । ଦୁଇଟି ଭାରତୀୟ ଜାହାଜ, ଆଇ.ଏନ୍.ଏସ୍. ତିର୍ ଏବଂ ସି.ଜି.ଏସ୍. ସାରଥୀ ଏହି ସମାରୋହରେ ନୌସେନା ପକ୍ଷରୁ ଯୋଗଦେବେ ।

ଏହି ଗସ୍ତକାଳରେ ରାଷ୍ଟ୍ରପତି ମରିସସ୍ ପ୍ରତିପକ୍ଷ ପୃଥ୍ୱୀରାଜ ସିଂହ ରୁପୁନ୍ ଏବଂ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ସେଠାକାର ଜାତୀୟ ଆସେମ୍ବ୍ଲିର ବାଚସ୍ପତି ଏବଂ ପ୍ରଧାନ ବିଚାରପତି ଏବଂ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ରାଷ୍ଟ୍ରପତି ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଦୁଇ ଦେଶ ମଧ୍ୟରେ

ସାଂସ୍କୃତିକ, ସାମାଜିକ ଏବଂ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ ରହିଛି । ମରିସସ୍ ଜନସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ହେଉଛନ୍ତି  ଭାରତୀୟ ବଂଶୋଦ୍ଭବ । ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ରାଜିନାମା ସ୍ୱାକ୍ଷରିତ ହେବ । ଭାରତର ପଡ଼ୋଶୀ ରାଷ୍ଟ୍ର ପ୍ରଥମେ ନୀତିରେ ମରିସସ୍ ଏକ ଗୁରୁତ୍ୱପୂର୍ଣ୍ଣ ଦେଶର ମାନ୍ୟତା ପାଇଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୨୦୨୨-୨୩ ମସିହାରେ ୫୫୪ ମିଲିୟନ୍ ଆମେରିକୀୟ ଡଲାରକୁ ଅତିକ୍ରମ କରିଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ପି.ଏମ୍. - ଏମ୍.ପି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ୍ ମାଧ୍ୟମରେ ମଧ୍ୟପ୍ରଦେଶର ଗ୍ୱାଲିୟର୍ ଏବଂ ଜବଲପୁରଠାରେ ନିର୍ମିତ ବିମାନ ବନ୍ଦରର ନୂତନ ଟର୍ମିନାଲ୍‌କୁ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଗ୍ୱାଲିୟର୍‌ର ବିଜୟା ରାଜେ ବିମାନ ବନ୍ଦରର ନୂତନ ଟର୍ମିନାଲ୍‌କୁ ମାତ୍ର ୧୬ ମାସ ମଧ୍ୟରେ ନିର୍ମାଣ କରାଯାଇଛି । ଏହି ଅବସରରେ ଏଥିରେ ସଂଶ୍ଳିଷ୍ଟ ସମସ୍ତଙ୍କର ଅବଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଏହି ସମାରୋହରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଯୋଗଦେଇ ରାଜ୍ୟର ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଏବଂ କୃଷି ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି ନେଇ ଘୋଷଣା କରିଛନ୍ତି । ସେ କହିଛନ୍ତି, କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣାଜନିତ ଶାରୀରିକ ଅକ୍ଷମତା କିମ୍ବା

ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହା ୧ ଲକ୍ଷ ଟଙ୍କାରେ ସୀମିତ ଥିଲା । ଏହି ଅବସରରେ ରାଜମାତା ବିଜୟା ରାଜେ ସିନ୍ଧିଆଙ୍କ ଏକ ପ୍ରତିମୂର୍ତ୍ତିଙ୍କୁ ଅନାବରଣ କରାଯାଇଛି । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶ ବିଧାନସଭା ବାଚସ୍ପତି ନରେନ୍ଦ୍ର ସିଂହ ତୋମର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଉପସ୍ଥିତ ଥିଲେ । ଏହି ନୂତନ ଟର୍ମିନାଲ୍ ନିର୍ମାଣରେ ୫୦୦ କୋଟି ଟଙ୍କା ବ୍ୟୟ କରାଯାଇଛି ।

ସେହିପରି ଜବଲପୁର ବିମାନ ବନ୍ଦରର ନୂତନ ଟର୍ମିନାଲ୍ ନିର୍ମାଣ ପାଇଁ ୪୨୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ଅନ୍ୟ ୧୫ଟି ବିମାନ ବନ୍ଦରର ନୂତନ ଟର୍ମିନାଲ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

## ପି.ଏମ୍. - ମହତାରୀ ବନ୍ଦନ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ପରିଣତ କରିବା ଲାଗି ତାଙ୍କ ସରାକର ପ୍ରତିଶ୍ରୁତିବଦ୍ଧ । ଇତିମଧ୍ୟରେ ୧ କୋଟିରୁ ଅଧିକ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି ବୋଲି ସେ କହିଛନ୍ତି । ଭର୍ଚୁଆଲ ମାଧ୍ୟମରେ ଛତିଶଗଡ ସରକାରଙ୍କ ଦ୍ୱାରା

ପ୍ରସ୍ତୁତ ମହତାରି ବନ୍ଦନ ଯୋଜନା ଏମ୍.ଭି.ୱାଇ.ର ଆଜି ଶୁଭାରମ୍ଭ କରିବା ଅବସରରେ ପ୍ରଧନ୍ମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଏଭଳି ଯୋଜନା ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରୁଛି । ଡ୍ରୋନ୍ ଦିଦି ଯୋଜନା ଅଧୀନରେ ସରକାର ମହିଳାଙ୍କୁ କେବଳ ଡ୍ରୋନ୍ ପ୍ରଦାନ କରୁ ନାହାନ୍ତି; ବରଂ ସେମାନଙ୍କୁ ଏହାର ପରିଚାଳନା ପାଇଁ ତାଲିମ ପ୍ରଦାନ ମଧ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ମହତାରୀ ବନ୍ଦନ ଯୋଜନା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରତିମାସରେ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏଥିରେ ୭୦ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି । ଏହି ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ଆଜି ପ୍ରଥମ ପର୍ଯ୍ୟାୟରେ ୬୫୫ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରିଛନ୍ତି । ଛତିଶଗଡର ୧୪୬ଟି ବ୍ଲକ ମୁଖ୍ୟାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ରାଜଧାନୀ ରାୟପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

## ଡବ୍ଲୁ.ବି. - ଲିଷ୍ଟ

ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଦଳର ୪୨ ଜଣ ପ୍ରାର୍ଥୀଙ୍କର ନାମ ଆଜି ଘୋଷଣା କରିଛନ୍ତି । ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଆୟୋଜିତ

‘ଜନ ଗର୍ଜନ ସଭା’ରେ ସୁଶ୍ରୀ ବାନାର୍ଜୀ ଏହି ଘୋଷଣା କରିଛନ୍ତି । ପ୍ରାର୍ଥୀଙ୍କ ମଧ୍ୟରେ କ୍ରିଷ୍ଣାନଗରରୁ ମହୁଆ ମୋଇତ୍ର, ଯାଜବପୁରରୁ ସାୟୋନି ଘୋଷ ଆଦି ଅନ୍ତର୍ଭୁକ୍ତ । ଅନ୍ୟମାନଙ୍କ ମଧ୍ୟରେ ଦାର୍ଜିଲିଂରୁ ଗୋପାଲ ଲାମ୍ବା, ଡାଏମଣ୍ଡ ହର୍ବର୍‌ରୁ ଅଭିଶେକ ବାନାର୍ଜୀ, ଆସାନ୍‌ସୋଲ୍‌ରୁ ବରିଷ୍ଠ ଚଳଚ୍ଚିତ୍ର ତାରକା ଶତ୍ରୁଘ୍ନ ସିହ୍ନା ଏବଂ ବର୍‌ହମ୍‌ପୁର ଲୋକସଭା ଆସନରୁ ପୂର୍ବତନ ଭାରତୀୟ କ୍ରିକେଟ୍ ଖେଳାଳି ୟୁସୁଫ୍ ପଠାନ୍ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବେ । ସେ କହିଛନ୍ତି, ଏଥିସହ ଦଳ ପକ୍ଷରୁ ଆସାମର ୨ଟି ଲୋକସଭା ଆସନ ପାଇଁ ଏବଂ ମେଘାଳୟ ଓ ଉତ୍ତର ପ୍ରଦେଶର ଗୋଟିଏ ଲେଖାଏଁ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯିବ ।

## ସି.ବି.ଆଇ. - ସନ୍ଦେଶଖାଲି

ନିଲମ୍ବିତ ତୃଣମୂଳ କଂଗ୍ରେସ ନେତା ତଥା ସନ୍ଦେଶଖାଲିଠାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଶେଖ୍ ସାହାଜାହାନ୍‌ଙ୍କ ସି.ବି.ଆଇ. ମିଆଦକୁ ଆଉ ୪ ଦିନ ବୃଦ୍ଧି କରାଯାଇଛି । ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାସ୍ଥିତ ବସିର୍‌ହାଟ୍ ଅଦାଲତ ଏହି ଆଦେଶ ଶୁଣାଇଛନ୍ତି । ସୂଚନାଯୋଗ୍ୟ, କୋଲ୍‌କାତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ଶାହାଜାହାନ୍‌ଙ୍କୁ ସି.ବି.ଆଇ.କୁ ହସ୍ତାନ୍ତର କରାଯାଇଥିଲା ।

# ଇ.ଏଫ୍.ଟି.ଏ. ଏଗ୍ରିମେଣ୍ଟ

ଭାରତ' ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ - EFTA ସହ ଆଜି ନୂଆଦିଲ୍ଲୀରେ ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗିତା ଚୁକ୍ତି - TEPA ସ୍ୱାକ୍ଷର କରିଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ୍ ଗୋୟଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ସଂଘରେ ସ୍ୱିଜରଲାଣ୍ଡ, ଆଇସ୍‌ଲାଣ୍ଡ, ନରୱେ ଏବଂ ଲିଚେନ୍‌ଷ୍ଟାଇନ୍ ଆଦି ଦେଶ ସଦସ୍ୟ ଅଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ କହିଛନ୍ତି, ଏହା ଏକ ସୁଦୂରପ୍ରସାରୀ ବୁଝାମଣାପତ୍ର । ପ୍ରଥମ ଥରପାଇଁ ଭାରତ ଏଭଳି ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହାଦ୍ୱାରା ଆସନ୍ତା ୧୫ ବର୍ଷ ମଧ୍ୟରେ ଭାରତରେ ପୁଞ୍ଜିନିବେଶ ୧୦୦ ବିଲିୟନ୍ ଡଲାର ହେବ ଏବଂ ଏହାଦ୍ୱାରା ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ୟୁରୋପୀୟ ମୁକ୍ତ ବାଣିଜ ସଂଘ ମାଧ୍ୟମରେ ଭାରତୀୟ ରପ୍ତାନୀକୁ ଏକ ବୃହତ୍ ବଜାର ମିଳିପାରିବ । ଏହାଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧିକ ଗତିଶୀଳ ହେବ ଏବଂ ଯୁବବର୍ଗଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି ।

## ପାକ୍ - ପ୍ରେସିଡେଣ୍ଟ

ଆସିଫ୍ ଅଲି ଜର୍ଦ୍ଦାରୀ ପାକିସ୍ତାନର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି । ଗତକାଲି ଅନୁଷ୍ଠିତ ନିର୍ବାଚନରେ ଶ୍ରୀ ଜର୍ଦ୍ଦାରୀ ନିର୍ବାଚିତ ହୋଇଥିଲେ । ପାକିସ୍ତାନର ପ୍ରଧାନ ବିଚାରପତି କାଜି ଫଏଜ୍ ଇସା ଶ୍ରୀ ଜର୍ଦ୍ଦାରୀଙ୍କୁ ଶପଥ ପାଠ କରାଇଛନ୍ତି । ୬୮ ବର୍ଷୀୟ ଶ୍ରୀ ଜର୍ଦ୍ଦାରୀ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଶପଥ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ, ଡକ୍ଟର ଆରିଫ୍ ଆଲ୍‌ଭି ଦେଶର କାମଚଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ଗତ ସେପ୍ଟେମ୍ବର ମାସରେ ଡକ୍ଟର ଆଲ୍‌ଭିଙ୍କର ରାଷ୍ଟ୍ରପତି ଭାବେ ୫ ବର୍ଷର କାର୍ଯ୍ୟକାଳ ଶେଷ ହୋଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ପବ୍ଲିକ ସ୍ପିକ୍ କାର୍ଯ୍ୟକ୍ରମ ଆସନ୍ତାକାଲି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଲୋଚନାର ବିଷୟବସ୍ତୁ ରହିଛି ‘ବୁଲାବିକାଳିଙ୍କ ଆର୍ଥିକ ଅଭିବୃଦ୍ଧି ଏବଂ ଜୀବନକୁ ସରଳ କରିବା କ୍ଷେତ୍ରରେ

ପି.ଏମ୍. ସ୍ୱନିଧି ଯୋଜନାର ଭୂମିକା' । ଏହି କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ସହରାଞ୍ଚଳ ମନ୍ତ୍ରଣାଳୟ ଅଧୀନସ୍ଥ ପି.ଏମ୍. ସ୍ୱନିଧି ନିର୍ଦ୍ଦେଶକ ଶାଳିନୀ ପାଣ୍ଡେ ଅଂଶଗ୍ରହଣ କରି ଶ୍ରେତାମାନଙ୍କ ପ୍ରଶ୍ନର ଉତ୍ତର ରଖିବେ । ଏହି ଅବସରରେ ଶ୍ରୋତାମାନେ ପି.ଏମ୍. ସ୍ୱନିଧି ଯୋଜନା ସମ୍ପର୍କରେ ଅଧିକ ଜାଣିପାରିବେ । ଏଥିପାଇଁ ଶ୍ରୋତାମାନେ **୦୧୧-୨୩୪୨-୧୦୫୦** ଏବଂ **୦୧୧-୨୩୩୧-୪୪୪୪** ନମ୍ବରକୁ କଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହାବ୍ୟତୀତ ସେମାନେ **୯୨୮୯-୦୯୪୦୪୪** ନମ୍ବରକୁ ହ୍ୱାଟ୍ସଆପ୍ କରି ନିଜର ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକଯୋଗେ ଶୁଣାଯାଇପାରିବ ।

ଏହାସହିତ ଶ୍ରୋତାମାନେ ଆମର ୱେବ୍‌ସାଇଟ୍ newsonair.gov.in ଏବଂ ୟୁ-ଟ୍ୟୁବ୍ ଚ୍ୟାନେଲ ଅଫିସିଆଲ ନ୍ୟୁଜ୍ ଅନ୍ ଏୟାର ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଶୁଣିପାରିବେ ।

## ମାଇନୋରିଟି ଆଫେୟାର୍ସ - ଇରାନୀ

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ସ୍ମୃତି ଇରାନୀ ଭର୍ଚୁଆଲ୍ ମାଧ୍ୟମରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ଉଦ୍ଦିଷ୍ଟ ୩୮ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ।

ଏହି ପ୍ରକଳ୍ପଗୁଡ଼ିକ ହିମାଚଳନ ପ୍ରଦେଶ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ସିକ୍କିମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ୍ ପାଇଁ ଉଦ୍ଦିଷ୍ଟ । ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ ଅଧୀନରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ଲାଗି ୨୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ବୌଦ୍ଧ ଧର୍ମାବଲମ୍ବୀଙ୍କ ଉନ୍ନତି ତଥା ନିରନ୍ତର ବିକାଶ ଲକ୍ଷ୍ୟରେ ସରକାର ବିଶେଷ ପଦକ୍ଷେପ ଗ୍ରହଣ କରୁଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ପାଠ୍ୟକ୍ରମ କେନ୍ଦ୍ର ଲାଗି ୩୦ କୋଟି ଟଙ୍କାର ସହାୟତା ରାଶି ମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ବୌଦ୍ଧ ଧର୍ମାବଲମ୍ବୀଙ୍କ ଭାଷା, ଏ କ୍ଷେତ୍ରରେ ଗବେଷଣା ତଥା ଦକ୍ଷତା ବିକାଶ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇପାରିବ ମନ୍ତ୍ରୀ ଶ୍ରୀମତୀ ଇରାନୀ କହିଛନ୍ତି ।

## କ୍ରିକେଟ୍ ର୍ୟାଙ୍କିଙ୍ଗ୍

ଭାରତ ଆଇ.ସି.ସି. ଟେଷ୍ଟ ତାଲିକା ସୂଚୀର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି । ଦୁବାଇଠାରେ ଆଜି ପ୍ରକାଶିତ ସୂଚୀରୁ ଏହା ସ୍ପଷ୍ଟ ହୋଇଛି । ଇଂଲଣ୍ଡ ବିପକ୍ଷରେ ସିରିଜ୍ ବିଜୟ ହେବାରୁ ଭାରତ ଏହି ସଫଳତା ପାଇଛି । ପୂର୍ବରୁ ଶୀର୍ଷ ସ୍ଥାନ ହାସଲ କରିଥିବା ଅଷ୍ଟ୍ରେଲିଆକୁ ଅତିକ୍ରମ କରି ଭାରତ ପ୍ରଥମ ସ୍ଥାନ ହାସଲ କରିଛି । ସୂଚନାଯୋଗ୍ୟ, ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍‌ରେ

ଭାରତ ପୂର୍ବରୁ ପ୍ରଥମ ସ୍ଥାନରେ ରହିଆସିଛି । ତେବେ ଆଜିର ସୂଚୀ ତାଲିକା ସହ ଭାରତ ଆଇ.ସି.ସି.ର ୩ଟି ଯାକ ଫର୍ମାଟରେ ଶୀର୍ଷସ୍ଥାନ ହାସଲ କରିଛି ।

*****